## ନିଆଁରେ ପୋଡ଼ି ମହିଳା ମୃତ

**ରାଉରକେଲା ଅଫିସ:** ରାଉରକେଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ କାଳୀ ମନ୍ଦିର ଅଞ୍ଚଳରେ ଜଣେ ମହିଳା ନିଆଁରେ ପୋଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଯଶୋଦା ଦାସ(୫୦)। ଗତ ୨୩ ତାରିଖରେ ଯଶୋଦା ଷ୍ଟୋଭରେ ରୋଷେଇ କରୁଥିବା ବେଳେ ହଠାତ ଷ୍ଟୋଭଟି ଫାଟି ଯାଇଥିଲା। ଫଳରେ କିରୋସିନ ନିଆଁ ତାଙ୍କ ଦେହସାରା ଖେଳାଇ ଯାଇଥିଲା। ପରିବାର ଲୋକେ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୮।୨୨) ରୁଜୁ କରି ତଦନ୍ତ ଚଳାଇଛି।

**ସଂକ୍ଷେପରେ**

## ଭିଣୋଇ ଟାଙ୍ଗିଆ ଚୋଟରେ ଶାଳୀ ମୃତ

**ରେଢ଼ାଖୋଲ,୩।୪ (ଡି.ଏନ.ଏ.):** ଭିଣୋଇ ଟାଙ୍ଗିଆ ଚୋଟରେ ଶାଳୀର ଜୀବନ ଯାଇଛି। ରବିବାର ସନ୍ଧ୍ୟାରେ ଏଭଳି ଏକ ଅଭାବନୀୟ ଘଟଣା ରେଢ଼ାଖୋଲ ଥାନା ବୁର୍ଡା ପଞ୍ଚାୟତର କାଣ୍ଡତେଲା ଗ୍ରାମରେ ଘଟିଛି। ଖବର ପାଇ ପୋଲିସ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରୁଛି। ଥାନା ଅଧିକାରୀ ସୁରୁବାବୁ ଛତ୍ରିଆଙ୍କ ସୂଚନା ଅନୁଯାୟୀ ଘରୋଇ କଳିରୁ ଭିଣୋଇ ଚରଣ ବାଘ ଉତ୍ତ୍ୟକ୍ତ ହୋଇ ଶାଳୀ ସରସ୍ୱତୀ ଭୋଇଙ୍କୁ ଟାଙ୍ଗିଆରେ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ସରସ୍ୱତୀଙ୍କୁ ରେଢ଼ାଖୋଲ ଡାକ୍ତରଖାନା ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସୋମବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିଲେ ହେଁ ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖିଛି।

## ଏସ୍‌ୟୁର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର,୩।୪(ବ୍ୟୁରୋ):** ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଛାତ୍ରୀଛାତ୍ରଙ୍କୁ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ଓଡିଆ ତର୍କ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ସୌମରଞ୍ଜନ ନାଏକ, ଓଡିଆ ପ୍ରବନ୍ଧରେ ଦ୍ୱିତୀୟ ସ୍ଥାନ ପାଇଥିବା ଶୁଭଶ୍ରୀ ମହାନ୍ତି ଦ୍ୱିତୀୟ ଓ ଶାସ୍ତ୍ରୀୟ ନୃତ୍ୟରେ ତୃତୀୟ ସ୍ଥାନ ହାସଲ କରିଥିବା ବର୍ଷାରାଣୀ ପଣ୍ଡା। ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗର ମମତା ସାହୁଙ୍କ ନେତୃତ୍ୱରେ ୧୬ ଜଣିଆ ଟିମ୍ ଭୁବନେଶ୍ୱର ଯାଇଥିଲେ। କୃତୀ ଛାତ୍ରୀଛାତ୍ର ଭୁବନେଶ୍ୱରରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଠାରୁ ପୁରସ୍କୃତ ହୋଇଥିଲେ।

## ଆକ୍ୟୁପ୍ରେସର ଚିକିତ୍ସା ଶିବିର

**ରାଉରକେଲା ଅଫିସ,୩।୪:** ରାଉରକେଲା ସେକ୍ଟର-୮ ସ୍ଥିତ ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ରାଉରକେଲା ଶାଖା ପକ୍ଷରୁ ନିଃଶୁଳ୍କ ଆକ୍ୟୁପ୍ରେସର ଚିକିତ୍ସା ଶିବିର କେଶବ ଚନ୍ଦ୍ର ଆଶ୍ରମ ପରିସରରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିଜର ଆକ୍ୟୁପ୍ରେସର ଚିକିତ୍ସା କରାଇଥିଲେ। ରାଉରକେଲା ଶାଖାର ପରିଚାଳକ ସଞ୍ଜୟ ସାମଲ, ଉପଦେଷ୍ଟା ବିପିନ ବିହାରୀ ପଟ୍ଟନାୟକ, କଳ୍ପତରୁ ବିଶ୍ୱାଳ, ବାଇଧର ପ୍ରଧାନ, ସତ୍ୟବାଦୀ ପାଣିଗ୍ରାହୀ, ଭବେନ୍ଦ୍ର ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ଡଙ୍ଗା ଚଳାଚଳ ବନ୍ଦ: ଯାତାୟାତ ଠପ୍

**ଝାରସୁଗୁଡ଼ା ଅଫିସ,୩।୪**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସୀମାନ୍ତବର୍ତ୍ତୀ ୧୯ଖଣ୍ଡ ମୌଜା ଅନ୍ତର୍ଗତ ମହାନଦୀର ମହୁଲପାଲି ଘାଟରୁ ବରଗଡ ଜିଲା ଅମ୍ବାଭୋନା ବ୍ଲକ୍ ଚିଖିଲକୁ ଡଙ୍ଗା ଚଳାଚଳ ବନ୍ଦ ହୋଇଯାଇଛି। ଫଳରେ ଉଭୟ ଜିଲାର ଲୋକଙ୍କ ଯାତାୟାତ ଠପ୍ ହୋଇଯାଇଛି। ଏ ସମ୍ପର୍କରେ ପୂର୍ବ ସୂଚନା ନ ଥିବାରୁ ଦୂରଦୂରାନ୍ତରୁ ଲୋକେ ନଦୀଘାଟକୁ ଆସି ଫେରିଯାଉଛନ୍ତି। ବନ୍ଦ ଥିବା ଡଙ୍ଗା ପୁନଃ ଚାଲୁ କରିବା ପାଇଁ ଉଭୟ ଜିଲାର ଲୋକେ ଦାବି କରିଛନ୍ତି।


ମହୁଲପାଲି ଘାଟରେ ଡଙ୍ଗାକୁ ଅପେକ୍ଷା କରିଛନ୍ତି ଯାତ୍ରୀ।

ମହୁଲପାଲି ଡଙ୍ଗାଘାଟ ସ୍ଥାନୀୟ କଣ୍ଢେଇକେଲା ପଞ୍ଚାୟତ ଅଧୀନରେ ଆସୁଥିବାବେଳେ ପଞ୍ଚାୟତ ତରଫରୁ ଏହାକୁ ପ୍ରତିବର୍ଷ ନିଲାମ କରାଯାଇଥାଏ। ୨୦୨୧-୨୨ ଆର୍ଥିକ ବର୍ଷର ଡଙ୍ଗାଘାଟ ନିଲାମ ମାର୍ଚ୍ଚ ୩୧ତାରିଖରେ ଶେଷ ହୋଇଯାଇଛି। ଏ ନେଇ ପଞ୍ଚାୟତ ତରଫରୁ କୌଣସି ବିକଳ୍ପ ବ୍ୟବସ୍ଥା କରା ନ ଯାଇ ଠିକାଦାରଙ୍କୁ ଡଙ୍ଗା ଚଳାଚଳ ବନ୍ଦ କରିବାପାଇଁ ନୋଟିସ୍ ଜାରି କରାଯାଇଛି। ପଞ୍ଚାୟତ ତରଫରୁ ଏକ ଯାତ୍ରୀବାହୀ ଡଙ୍ଗା ଚଳାଚଳ କରିବାପାଇଁ ପ୍ରୟାସ କରାଯାଇଥିଲା। ହେଲେ ଡଙ୍ଗାରେ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଫଳରେ ଡଙ୍ଗା ଚଳାଚଳ ହୋଇପାରି ନ ଥିଲା। ଏ ନେଇ ସରପଞ୍ଚ ଅଶୋକ ସେଠ୍ ଓ ସମିତିସଭ୍ୟ ଅନିଲ ବାରିକ ଘାଟ ନିଲାମ ହେବା ପର୍ଯ୍ୟନ୍ତ ତୁରନ୍ତ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଡିଓ ସଞ୍ଜୀବ ପଟେଲ ଯୁଦ୍ଧକାଳୀନ ଭିତ୍ତିରେ ଡଙ୍ଗା ଚଳାଚଳ କରିବା ପାଇଁ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଉପନିର୍ବାଚନ ପ୍ରସ୍ତୁତି, ବୈଷୟିକ ତାଲିମ ଶିବିର

**ଝାରସୁଗୁଡ଼ା ଅଫିସ, ୩।୪**

ଆଗାମୀ ଦିନରେ ହେବାକୁ ଥିବା ବ୍ରଜରାଜନଗର ଉପନିର୍ବାଚନ ପାଇଁ ଦ୍ୱି ଦିବସୀୟ ତାଲିମ ଶିବିର ଜିଲାପାଳଙ୍କ କାର୍ଯ୍ୟାଳୟ ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଷ୍ଟର ଟ୍ରେନର ତଥା ଅତିରିକ୍ତ ରାଜ୍ୟ ମୁଖ୍ୟ ନବାଚନ ଅଧିକାରୀ ଶତ୍ରୁଘ୍ନ କର, ଯୁଗ୍ମ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧୀକରଣ ସିଜିଏମ୍ ସବ୍ୟସାଚୀ ହୋତା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଏଥିରେ ଇଭିଏମ୍, ଭିଭିପାଟ, ଡାକ ବାଲାଟ, ନାମାଙ୍କନ, ମତଗଣନା ଇତ୍ୟାଦି ଉପରେ ତାଲିମ ଦିଆଯାଇଥିଲା। ଏହାବ୍ୟତୀତ ଆଭାସୀ ଜରିଆରେ ବୈଷୟିକ ଜ୍ଞାନ କୌଶଳ ସଂକ୍ରାନ୍ତରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) କାର୍ଯ୍ୟାଳୟର ବୈଷୟିକ ବିଶେଷଜ୍ଞମାନେ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସରୋଜ କୁମାର ସାମଲ, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳ ଶିବ ଟପ୍ପୋ, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର, ଅତିରିକ୍ତ ବିଡିଓ, ନୋଡାଲ ଅଧିକାରୀ ଯୋଗଦେଇଥିଲେ।

## ମେଡିକାଲ ଟ୍ରେଡ ଫେୟାର ସଙ୍ଗମ ୧୭ରେ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ସମ୍ବଲପୁର,୩।୪(ବ୍ୟୁରୋ)**

**ଅନ୍‌ଲାଇନ ବ୍ୟବସାୟ ସହ ପ୍ରତିଯୋଗିତା ଲକ୍ଷ୍ୟ**
- ଭାଗନେବେ ୮୫୦ ହୋଲସେଲର, ରିଟେଲର

ସମ୍ବଲପୁର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ଆସନ୍ତା ୧୭ ତାରିଖରେ ଭାଲୁପାଲିସ୍ଥିତ ଏକ ହୋଟେଲରେ ମେଡିକାଲ ଟ୍ରେଡ ଫେୟାର ସଙ୍ଗମ ଆୟୋଜନ କରାଯିବ। ଏ ନେଇ ରବିବାର ଏଠାରେ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଡାକ୍ତର, ପିଜି ଛାତ୍ରୀଛାତ୍ର, ଔଷଧ ଡିଲର, ରିଟେଲର ଯୋଗଦାନ କରିବେ। ୧ଶହରୁ ଊର୍ଦ୍ଧ୍ୱ ହୋଲସେଲର ଓ ୭୫୦ ରିଟେଲର, ୫୦ ଅଭିଜ୍ଞ ଡାକ୍ତର ଓ ୫୦ ପିଜି ଛାତ୍ର ରହିବେ। ଏଥିରେ ରୋଗୀମାନେ କିଭଳି ଚିକିତ୍ସା ପାଇବେ ସେ ନେଇ ଆଲୋଚନା ସହ ସଚେତନ କରାଯିବ। ମାଗଣାରେ ଚିକିତ୍ସା ଶିବିର ମଧ୍ୟ କରାଯିବ। ଏବେ ପ୍ରାୟ ଅନ୍‌ଲାଇନରେ ଔଷଧ ବିକ୍ରି କରାଯାଉଛି। ହେଲେ ଅନ୍‌ଲାଇନରେ ଔଷଧ କିଣିବା ଫଳରେ କ'ଣ ଅଧିକ ସମସ୍ୟା ରୋଗୀ ଓ ତାଙ୍କ ପରିବାର ବର୍ଗଙ୍କୁ ମିଳିଛି ସେ ନେଇ ସଚେତନ କରାଯିବ। ଧାର୍ଯ୍ୟ ଦରଠାରୁ ରିହାତି କିଭଳି ପାଇବେ ସେ ନେଇ ଗ୍ରାହକ ଜାଣିପାରିବେ। ଅନ୍‌ଲାଇନ ବ୍ୟବସାୟକୁ ବିରୋଧ ନ କରି ସେମାନଙ୍କ ସହ ପ୍ରତିଯୋଗିତା କରିବା ଆମର ମୂଳ ଲକ୍ଷ୍ୟ। ସୁବିଧା ଓ ସୁଲଭ ମୂଲ୍ୟରେ ଲୋକେ ଯେଭଳି ପ୍ରତ୍ୟେକ କମ୍ପାନୀର ଔଷଧ ପାଇପାରିବେ ସେ ନେଇ ଆମେ ଚେଷ୍ଟା କରିବୁ ସଭାପତି ପ୍ରଶାନ୍ତ କୁମାର ରଥ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ଶିଳା ଶିବ ପ୍ରସାଦ, ଅଭିନବ ସିଂ, ରଶ୍ମିରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ।

**କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## କୁଲତା ନୂଆପାଲି ଚାମ୍ପିୟନ

**ସମ୍ବଲପୁର,୩।୪(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ସର୍କମା ଗ୍ରାମଠାରେ ପଞ୍ଚଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ସମ୍ବଲପୁର ଜିଲା କୁଲତା ନୂଆପାଲି ଚାମ୍ପିୟନ ଓ ଝାରସୁଗୁଡ଼ା ଜିଲାର ବାଲିଜଙ୍ଗା ରନର୍ସଅପ ଟ୍ରଫି ହାସଲ କରିଛନ୍ତି । ବିଜେଡି ଜିଲା ଯୁବ ସମ୍ପାଦକ ନିଶିକାନ୍ତ ବିଶ୍ୱାଳ ମୁଖ୍ୟଅତିଥି ଓ ଗଙ୍ଗାଧର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ରାଜା ରାଣା, ବିଜୟ ସାହୁ, ବିକ୍ରମ ପ୍ରଧାନ, କୁମାର ଭୋଇ, ଭେଷଜ ଭୋଇ, ସୁଦୀପ ଭୋଇ, ବଳରାମ ଭୋଇ ମ୍ୟାଚ ପରିଚାଳନା କରିଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କୁ ଭାଜପା ରାଜ୍ୟ ସମ୍ପାଦକଙ୍କ ଦାବିପତ୍ର


ଭାଜପା ରାଜ୍ୟ ସମ୍ପାଦକ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୩।୪**

ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ବେକାର ଯୁବତୀଯୁବକଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ପାଇଁ ଜିଲାରେ ଏକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା, କିର୍ମିରା ବ୍ଲକ୍ ବାଗଡିହିଠାରେ ଜାତୀୟକରଣ ବ୍ୟାଙ୍କ ପ୍ରତିଷ୍ଠା ଅନ୍ୟତମ। ସେହିପରି ଝାରସୁଗୁଡା ବିମାନ ବନ୍ଦରରୁ ମୁମ୍ବାଇ, ବିଶାଖାପାଟଣା, ପାଟନା, ରାଞ୍ଚି ଆଦି ସହରକୁ ବିମାନସେବା ଆରମ୍ଭ ପାଇଁ ଦାବି କରାଯାଇଛି। ଏହାଦ୍ୱାରା ଲୋକେ ଉନ୍ନତଧରଣର ସ୍ୱାସ୍ଥ୍ୟସେବା, ଉଚ୍ଚଶିକ୍ଷା ପାଇପାରିବେ। ଅନୁରୂପ ଭାବେ ଉନ୍ନତମାନର ଶିକ୍ଷା ପାଇଁ ଛାତ୍ରୀଛାତ୍ର ବାହାରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଆଉ କେତେକ ଅଭିଭାବକଙ୍କ ଅର୍ଥାଭାବରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ଡୋରି ବନ୍ଧା ହେଉଛି। ଏହାକୁ ଦୃଷ୍ଟିରେ ରଖି ଲଇକେରା ବ୍ଲକ୍ ଅଞ୍ଚଳରେ ଏକ ଆବାସିକ ମଡେଲ ଏକଲବ୍ୟ ସ୍କୁଲ୍ ଖୋଲିବା ପାଇଁ ଦାବି ହେଉଛି । ଏସବୁ ଦାବି ପୂରଣ ପାଇଁ ଭାଜପା ସମ୍ପାଦକ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ଭେଟରାନ ଫୁଟବଲ ପ୍ରତିଯୋଗିତା: ସମ୍ବଲପୁର ଚାମ୍ପିୟନ

**ବ୍ରଜରାଜନଗର,୩।୪(ଡି.ଏନ.ଏ.)**

ସ୍ଥାନୀୟ ଓପିଏମ୍ ଖେଳପଡିଆରେ ଭେଟରାନ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ମର୍ନିଂ କ୍ଲବ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଜିଲାର ୪୦ରୁ ଊର୍ଦ୍ଧ୍ୱ ବୟସର ଖେଳାଳି ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ଆୟୋଜକ ଟିମ୍‌କୁ ହରାଇ ସମ୍ବଲପୁର ଚାମ୍ପିୟନ ହୋଇଛି। ଭିନ୍ନକ୍ଷମ ବ୍ୟକ୍ତି ସୁନିଲ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହିତ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ।

# ଏମ୍‌ସିଏଲ୍‌ର ୩୧ତମ ପ୍ରତିଷ୍ଠା ଦିବସ

**ସମ୍ବଲପୁର,୩।୪ (ବ୍ୟୁରୋ)**

**ଗଣଦୌଡରେ ସାମିଲ ହେଲେ ଅଧିକାରୀ, କର୍ମଚାରୀ**


ଏମ୍‌ସିଏଲ୍ ଗଣଦୌଡରେ ସାମିଲ ମହିଳାମାନେ ।

ମହାନଦୀ କୋଲଫିଲ୍ଡ୍‌ସ୍ ଲିମିଟେଡ (ଏମ୍‌ସିଏଲ୍)ର ୩୧ତମ ପ୍ରତିଷ୍ଠା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେଶ ଓ ଏମ୍‌ସିଏଲ୍ ବିକାଶ ବାର୍ତ୍ତାନେଇ ଗଣଦୌଡ଼ ଆନନ୍ଦ ବିହାରରୁ ଜାଗୃତି ବିହାର ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଏମ୍‌ସିଏଲ୍‌ର ଅଧିକାରୀ ଓ କର୍ମଚାରୀ ପରିବାର ସହ ସାମିଲ ହୋଇଥିଲେ। ଏମ୍‌ସିଏଲ୍ ପରିଚାଳନା ନିର୍ଦ୍ଦେଶକ ତଥା ଅଧକ୍ଷ ଓ.ପି. ସିଂ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେବଶ ରାଓ, ସିଭିଓ ପି.କେ. ପଟେଲ, ପୂର୍ବତନ ଅଧକ୍ଷ ଏସ୍.ଆର୍. ଉପାଧ୍ୟାୟ, ଭୋଳାନାଥ ଶୁକ୍ଲା, ପି.କେ. ସିହ୍ନା ଉପସ୍ଥିତ ଥିଲେ। ସେହିପରି ମହିଳା ଗଣଦୌଡକୁ ଜାଗୃତି ମହିଳା ମଣ୍ଡଳ ପୂର୍ବତନ ଅଧକ୍ଷା ମଞ୍ଜୁଳା ଶୁକ୍ଲା ଶୁଭାରମ୍ଭ କରିଥିଲେ। ମହିଳା ମଣ୍ଡଳ ସଭାନେତ୍ରୀ ପଦ୍ମଜା ସିଂ, ପଦ୍ମିନୀ ବାସୁଦେବ, ସରିତା ପଟେଲ ଉପସ୍ଥିତ ଥିଲେ। ଗଣଦୌଡରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆନ୍ତ ଡିଏଭି ନୃତ୍ୟ ପ୍ରତିଯୋଗିତ ହୋଇଥିଲା। ଏଥିରେ ଡିଏଭି ଇବ୍ ଭେଲି ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ଡିଏଭି କଳିଙ୍ଗ ପ୍ରଥମ ରନର୍ସ ଅପ, ଡିଏଭି ବନ୍ଧବାହାଲ ଦ୍ୱିତୀୟ ରନର୍ସ ଅପ ହୋଇଥିଲ।

## ମିଶନ ଆଶାଲୋକର ବାର୍ଷିକ ଉତ୍ସବ

**ଝାରସୁଗୁଡ଼ା ଅଫିସ, ୩।୪**

ଜିଲା ପ୍ରଶାସନ ଓ ପିପୁଲ୍‌ସ ଫୋରମ ମିଳିତ ଉଦ୍ୟମରେ ମାନସିକ ବିକାରଗ୍ରସ୍ତ ଓ ଅସହାୟ ପୁରୁଷମାନଙ୍କ ଥଇଥାନ କେନ୍ଦ୍ର ମିଶନ ଅଶାଲୋକର ଚତୁର୍ଥ ବାର୍ଷିକ ଉତ୍ସବ ବଡ଼ମାଲସ୍ଥିତ କେନ୍ଦ୍ର ପରିସରରେ ପାଳିତ ହୋଇଯାଇଅଛି। ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡୋଲାମଣି ପଟେଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଉପଖଣ୍ଡିୟ ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା, ସାମାଜିକ କର୍ମୀ କବିତା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନ୍ତେବାସୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ ବର୍ତ୍ତମାନ ଏହି କେନ୍ଦ୍ରରେ ୧୦୬ ଜଣ ମାନସିକ ରୋଗୀ ଚିକିତ୍ସିତ ହେଉଛନ୍ତି। ଏହି ଅବସରରେ ଜିଲାପାଳ ସାମଲ କେନ୍ଦ୍ରରେ ୫୦ ଶଯ୍ୟା ବର୍ଦ୍ଧିତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମକୁ ପିପୁଲ୍‌ସ ଫୋରମର କର୍ମଚାରୀ ପରିଚାଳନା କରିଥିଲେ। ଶେଷରେ ପିପୁଲ୍‌ସ ଫୋରମର ପଶ୍ଚିମ ଓଡ଼ିଶା ମୁଖ୍ୟ ସଞ୍ଜୟ ଜେଠୀ ଧନ୍ୟବାଦ ଦେଇଥିଲେ।

# ଗରିମା ମହୋତ୍ସବ ଉଦ୍‌ଘାଟିତ

**ରାଉରକେଲା ଅଫିସ,୩।୪**

ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ଉତ୍କଳ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଗରିମା-୨୦୨୨ ସମାରୋହ ଅଧ୍ୟକ୍ଷ ସୁନିଲ କୟାଲଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଛି। ଏଥିରେ ଏନ୍‌ଏସ୍‌ପିସିଏଲ୍‌ର ଅଧିକାରୀ ପ୍ରତିଭା ସିଂ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଗଣେଶ ବାଗେଡିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମହିଳାମାନଙ୍କୁ ସଶକ୍ତ କରିବା ଓ ସେମାନଙ୍କ ଭିତରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସମ୍ପାଦକ ଶଙ୍କର ଜେନା ସୂଚନା ଦେଇଥିଲେ। ଉପଦେଷ୍ଟା ଗୋପୀନାଥ ପଟ୍ଟନାୟକ ଓ ରଶ୍ମିତ ସାହାଣୀ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ କହିଥିଲେ। ଏହି ଅବସରରେ ଦିବଂଗତ ସଦସ୍ୟା ମୀନାକ୍ଷୀ ଧରଙ୍କ ସ୍ୱାମୀ ନଳିନୀକାନ୍ତ ଧରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ, ଆଶା କର୍ମୀ ମାତିଲଦା କୁଲୁ, ପ୍ରେମା ଦାସ, କୁନି କଳାକାର ଶ୍ରେୟା ମହାନ୍ତିଙ୍କୁ ଗରିମା-୨୦୨୨ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଭିନ୍ନ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମୋନାଲିସା ସାହୁ ଓ ମୋନାଲିସା ଗୌଡ କାର୍ଯ୍ୟକ୍ରମ ସଂଯୋଜନା ଏବଂ ମମତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

- ଜମ୍ବଲ ମାର୍ଚ୍ଚପାଷ୍ଟରେ ଭାଗ ନେଲେ ୭୦୦ କ୍ରୀଡାବିତ୍
- ସମ୍ବଲପୁର ଆଥ୍‌ଲେଟିକ କ୍ଲବ ଦଳଗତ ଚାମ୍ପିୟନ

**ସମ୍ବଲପୁର,୩।୪(ବ୍ୟୁରୋ)**

ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ୫୭ତମ ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା-୨୦୨୨ ରବିବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ଆଥ୍‌ଲେଟିକ କ୍ଲବ ଦଳଗତ ଚାମ୍ପିୟନ ଟ୍ରଫି ହାସଲ କରିଛି। ଜମ୍ବଲ ମାର୍ଚ୍ଚପାଷ୍ଟରେ ଜିଲାର ୯ କ୍ଲବ ସମେତ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରୁ ୭୦୦ଜଣ କ୍ରୀଡାବିତ୍ ଭାଗ ନେଇଥିଲେ। ଇଭେଣ୍ଟଗୁଡିକୁ ମୋଟ ୫୦ଜଣ ଅଫିସିଆଲ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା ଓକିଲ ସଂଘ ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ପୂର୍ବତନ ସମ୍ପାଦକ ରବିରଞ୍ଜନ ପୂଜାରୀ, ଏଏଫ୍‌ଏର ରାଜେନ୍ଦ୍ର ସ୍ୱାଇଁ, ରାମଦାସ ପଣ୍ଡା ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଅତିଥି ପରିଚୟ ଓ ଦୌଡକୁଦ ସମ୍ପାଦକ ବିକାଶ ମିଶ୍ର ଧନ୍ୟବାଦ ଦେଇଥିଲେ। କ୍ରିକେଟ ସମ୍ପାଦକ ଅଭିନାଷ ନନ୍ଦ, ଫୁଟବଲ ସମ୍ପାଦକ ଅବଦୁଲ ଗଫର, ଖେଳ ସମ୍ପାଦକ ରାଜେଶ ସେଠ, ହକି ସମ୍ପାଦକ ବିନୋଦ ଟପ୍ପୋ, କୋଷାଧକ୍ଷ ଉମାପତି ତ୍ରିପାଠୀ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆନ୍ତର୍ଜାତୀୟ ମାଷ୍ଟର ଆଥଲେଟ ସୁନ୍ଦରମଣୀ ବାରିକ, ଜଗବନ୍ଧୁ ବେହେରା, ବଦ୍ରିନାରାୟଣ ପୁରୋହିତ, ରମଣୀ ରଞ୍ଜନ ସାହୁ, ସାହେବ ଖମାରୀ, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଇଭେଣ୍ଟ ପରିଚାଳନା କରିଥିଲେ।


ଦୌଡ଼କୁଦ ପ୍ରତିଯୋଗିତାରେ କ୍ରୀଡାବିତ୍‌ଙ୍କ ସହ ଅତିଥିମାନେ।

## ରାଇଜିଂ ୟୁଥ୍ କ୍ଲବ ଉଦ୍‌ଘାଟିତ

**ଲୋଇସିଂହା (ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକଠାରେ ନବ ନିର୍ମିତ ରାଇଜିଂ ୟୁଥ କ୍ଲବ ରବିବାର ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ ଅଧକ୍ଷ ଯତିନ୍ଦ୍ର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସଭାପତି କାହ୍ନୁଚରଣ ପଧାନ ଉଦଘାଟନୀ ଉତ୍ସବରେ ଅଧକ୍ଷତା କରିଥିଲେ । ସରପଞ୍ଚ ନବକିଶୋର ନାଏକ, କ୍ଲବର ବରିଷ୍ଠ ସଦସ୍ୟ ଭୋଲାନାଥ ମିର୍ଦ୍ଧା, ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ।ଏହି କାର୍ଯ୍ୟକ୍ରମରେ କ୍ଲବର ଉପସଭାପତି ବିଶ୍ୱରଞ୍ଜନ ନାଗ, ସମ୍ପାଦକ ହେମନ୍ତ ନାଗଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ବଜରଙ୍ଗ ଦଳ ଗଠିତ

**ବିନିକା,୩।୪(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାପ ସର୍ଗୁଣା ଗାଁର ନବନିର୍ମିତ ହନୁମାନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସିଂଘିଯୁବା ଗ୍ରାପସ୍ତରୀୟ ବଜରଙ୍ଗ ଦଳ ଗଠନ ହୋଇଯାଇଛି । ଜିଲା ବଜରଙ୍ଗ ଦଳ ସଂଯୋଜକ ରିଙ୍କୁ ପଧାନ, ବିନିକା ନଗର ସଂଯୋଜକ ଅମ୍ବରୀଶ ଦାଶଙ୍କ ଉପସ୍ଥିତିରେ ସାଂଗଠନିକ କାର୍ଯ୍ୟ ହୋଇଥିଲା । ସର୍ଗୁଣା ଗ୍ରାମର ପରମେଶ୍ୱର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାମପାଲି ଗାଁର ଫକୀର ଜାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ବଜରଙ୍ଗ ଦଳର କାର୍ଯ୍ୟଶୈଳୀ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ମୋଟ ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ବଜରଙ୍ଗ ଦଳରେ ସାମିଲ ହୋଇଥିଲେ । ସିଂଘିଯୁବା ଗ୍ରାପର ୫ଟି ଗ୍ରାମରୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

### ସହଲାରେ ଦୁର୍ଗା କୋଠି ପ୍ରତିଷ୍ଠା ଉତ୍ସବ

**ଡୁଙ୍ଗୁରିପାଲି,୩।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ଗ୍ରାମରେ ରବିବାର ଦୁର୍ଗା କୋଠି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସହଲା ଗ୍ରାମର ମାଉସୀ ମନ୍ଦିର ପାଖରେ ଥିବା ଦୁର୍ଗାକୋଠିକୁ ନୂତନ ଭାବେ ନିର୍ମାଣ କରାଯାଇ ବିଧି ମୁତାବକ ପ୍ରତିଷ୍ଠା କରାଯାଇଛି । ଏଥିପାଇଁ ଶତାଧିକ ମହିଳା କଳସ ଯାତ୍ରାରେ ବାହାରି ଗ୍ରାମର ପଦ୍ମ ପୋଖରୀରୁ ଜଳ ଆଣି ମାଉସୀ ମା' ମନ୍ଦିର ସମ୍ମୁଖରେ ସ୍ଥାପନ କରିବା ପରେ ଚଣ୍ଡି ପାଠ କରାଯାଇଥିଲା । ଏହି ପ୍ରତିଷ୍ଠା ଉତ୍ସବରେ ଶେଷଦେବ ନାଇକ ଓ କାନ୍ତି ନାଇକ କର୍ତ୍ତା ଭାବରେ କାର୍ଯ୍ୟ ତୁଲାଇଥିଲେ । ଚଣ୍ଡିପାଠ ପରେ ପୁରୁଣା କୋଠିରୁ ଦୁର୍ଗା ମାତାଙ୍କୁ ନୂତନ କୋଠିକୁ ଆଣି ପ୍ରତିଷ୍ଠା କରାଯାଇଥିଲା । ଲୁଲୁ ପଣ୍ଡିତ ଓ ଶ୍ୟାମଘନ ମିଶ୍ର ଏହି ଉତ୍ସବରେ ସାମିଲ ରହି ଦାୟିତ୍ୱ ତୁଲାଇଥିଲେ । ଚଣ୍ଡିପାଠ ହୋମ ଯଜ୍ଞରେ ନାଇକ ପରିବାରର ଗଜାନନ ନାଇକ ଓ ସୌକି ନାଇକଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ । ଏହି ଅବସରରେ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା ।

### କ୍ରିକେଟ: ଶିକ୍ଷକ ଏକାଦଶ (ଏ) ବିଜୟୀ

**ପଦ୍ମପୁର,୩।୪(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ମହୁଲପାଲି ସ୍କୁଲ ପଡ଼ିଆରେ ଶୁକ୍ରବାର ଶିକ୍ଷକ ଏକାଦଶର ପଞ୍ଚମ ବର୍ଷ ପୂର୍ତ୍ତି ଅବସରରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଥିଲା । ଶିକ୍ଷକ ଏକାଦଶ (ଏ) ଓ ଶିକ୍ଷକ ଏକାଦଶ (ବି) ମଧ୍ୟରେ ଅନୁଷ୍ଠିତ ଉକ୍ତ ମ୍ୟାଚ୍‌ରେ 'ବି' ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୧ ଓଭରରେ ୫ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା । ଜବାବରେ 'ଏ' ଦଳ ୧୦ ଓଭରରେ ମାତ୍ର ୩ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ନରେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଏବଂ ବିରେନ୍ଦ୍ର ପ୍ରଧାନ, ପରମେଶ୍ୱର ବିଶି ଓ ସନାତନ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଏକାଦଶ (ଏ) ଦଳର ଅକ୍ଷୟ ତନସନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଦିବ୍ୟାଙ୍ଗଙ୍କ ଗହଣରେ କବିତା ଆସର

**ବରଗଡ଼ ଅଫିସ୍,୩।୪:** ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଶୁକ୍ରବାର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । କବି ନୀତିଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଦିବ୍ୟାଙ୍ଗ ଛାତ୍ରୀଛାତ୍ର କବିତା ପାଠୋତ୍ସବ, ବ୍ୟଙ୍ଗ କବିତା ଶୁଣିବାର ମଜା ଉଠାଇଥିଲେ । କବି ଆଚାର୍ଯ୍ୟଙ୍କ ସମେତ ମନୋରଞ୍ଜନ ଲୁହା କବିତା ପାଠ କରିବା ସହିତ ବ୍ୟଙ୍ଗ କବିତା ଉପସ୍ଥାପନ କରିଥିଲେ । ସଙ୍ଗୀତ ସାଧକ ଦଧିବାମନ ଶତପଥି, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଅଭୟ ପ୍ରଧାନ, ମେଘନାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସୁମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ ।

### ୪୦ପ୍ରହର ନାମଯଜ୍ଞ ଆରମ୍ଭ

**ଜାମଟିକ୍ରା,୩।୪(ଡି.ଏନ.ଏ):** ଅତାବିରା ବ୍ଲକ ନିଲେଇପାଲି ଗ୍ରାମରେ ୪୦ପ୍ରହର ନାମଯଜ୍ଞ ରବିବାର ଆରମ୍ଭ ହୋଇଛି । ଏହା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ । ପ୍ରଥମ ଦିନରେ ନିଲେଇପାଲି ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟମାନେ ନଗର କୀର୍ତ୍ତନ କରି କର୍ତ୍ତାଙ୍କ ଘରକୁ ଯାଇ ବରଣ କରିଥିଲେ । ଚଳିତବର୍ଷ ହିମାଂଶୁ ଶେଖର ମିଶ୍ର ଓ ତାଙ୍କର ସ୍ତ୍ରୀ କର୍ତ୍ତା ଦାୟିତ୍ୱ ବହନ କରୁଛନ୍ତି । ଲୋକେ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା ।

# ବେଆଇନ ବ୍ଲାଷ୍ଟିଂ, ମୋରମ ଚାଲାଣ

**ଲୋଇସିଂହା,୩।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଠାରୁ ୨ କିମି ଦୂର ବୁର୍ଡା ଗ୍ରାମ ନିକଟରେ ଥିବା ବାଲୁ, ଚିତା, ଚାନ୍ଦି ଓ ବୁଢା ଡଙ୍ଗର(ପାହାଡ) ଉପରେ ଏବେ ପଥର ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି । ଏଠାରୁ ବେଆଇନ ଭାବେ ମୋରମ ଓ ପଥର ଉତ୍ତୋଳନ କରାଯାଇ ଦୈନିକ ଟ୍ରକ, ଟ୍ରାକ୍ଟର ଯୋଗେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି । ଅବାଧରେ ଏହା ଚାଲିଥିବା ବେଳେ ସ୍ଥାନୀୟ ରାଜସ୍ୱ ବିଭାଗ ଏହାକୁ ରୋକିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି । ଫଳରେ ଏହିସବୁ ଡଙ୍ଗର ଏବେ ଅସ୍ତିତ୍ୱ ହରାଇବାକୁ ବସିଲାଣି ।

ବୁର୍ଡା–ବାଞ୍ଜିପାଲି ରାସ୍ତାରେ ୨ କିମି ଗଲେ ରାସ୍ତା କଡକୁ ଲାଗି ରହିଛି ଏହି ସବୁ ଡଙ୍ଗର । ଲୋଇସିଂହା–ପଦ୍ମପୁର ରାସ୍ତା ଦେଇ ଗଲେ ମଧ୍ୟ ଏହି ଡଙ୍ଗର ସବୁ ଦୃଶ୍ୟମାନ ହୁଏ । ପାହାଡ ସୀମାନ୍ତରେ ବୁର୍ଡା, ବାଞ୍ଜିପାଲି, ସିଆଲବାହାଲି, ଦୁମଦୁମି, ପତରାପାଲି ଆଦି ଗାଁ ରହିଛି । ନିୟମିତ ଭାବେ ବିସ୍ଫୋରଣ କରି ପଥର ଫଟା ଯାଉଥିବାରୁ କମ୍ପନରେ ଘରର କାନ୍ଥ ପ୍ରଭାବିତ ହେଉଛି । ଉତ୍ତୋଳନ ବେଳେ ପଥର ଟୁକୁରା ବହୁଦୂର ଯାଏ ପଡି ପାହାଡ ନିକଟ ଚାଷଜମିକୁ ନଷ୍ଟ କରୁଛି । ସିଆଲବାହାଲି ଗ୍ରାମ ପାଖ ପାହାଡ ନିକଟରେ ଏକ କ୍ରସର ୟୁନିଟ ସ୍ଥାପନ ହୋଇଥିବାରୁ ଦୁମଦୁମି, ସିଅଲବାହଲି ଓ ବିଞ୍ଜାପାଲି ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପାହାଡ ସବୁ କମ ଉଚ୍ଚତା ବିଶିଷ୍ଟ ଓ ଲଣ୍ଡା ହୋଇଥିଲେ ବି ପ୍ରାକୃତିକ ଶୋଭା ବର୍ଦ୍ଧନ କରିଥାଏ । ଚୈତ୍ର ପୂର୍ଣ୍ଣିମା ଓ ଦଶହରା ପୂର୍ଣ୍ଣମୀ ସମୟରେ ବୁଡାରଜା ପାହାଡରେ ବୁର୍ଡା ଗ୍ରାମର ଗ୍ରାମ୍ୟଦେବୀଙ୍କ ପୂଜାର୍ଚ୍ଚନା ହୋଇଥାଏ । ବ୍ଲାଷ୍ଟିଂ ଯୋଗୁ ଏହି ପାହାଡ ଏବେ ନିଶ୍ଚିହ୍ନ ହେବାକୁ ବସିଥିବା ବେଳେ ପ୍ରଦୂଷଣ ସମସ୍ୟା ବଢି ଚାଲିଛି । ଅଞ୍ଚଳର ବିଭିନ୍ନ ରାସ୍ତା ନିର୍ମାଣ ଓ ମରାମତି ପାଇଁ ସଂପୃକ୍ତ ପାହାଡ ତଳି ଅଞ୍ଚଳରୁ ନିୟମିତ ଭାବେ ବିଭିନ୍ନ ଅଞ୍ଚଳକୁ ମୋରମ ଚାଲାଣ କରାଯାଉଛି ।



ବ୍ଲାଷ୍ଟିଂ ଯୋଗୁ ଧ୍ୱଂସାଭିମୁଖୀ ପାହାଡ଼ ।

### ଧ୍ୱଂସମୁଖରେ ପାହାଡ

ରାସ୍ତା ନିର୍ମାଣ ଓ ମରାମତି ପାଇଁ ସଂପୃକ୍ତ ପାହାଡ ତଳି ଅଞ୍ଚଳରୁ ନିୟମିତ ଭାବେ ବିଭିନ୍ନ ଅଞ୍ଚଳକୁ ମୋରମ ଚାଲାଣ କରାଯାଉଛି । ରାଜସ୍ୱ କର୍ମଚାରୀଙ୍କୁ ହାତବାରିସୀ କରି ଠିକାଦରମାନେ ରାଜସ୍ୱ ଫାଙ୍କି ବେଆଇନ ଭାବେ ମୋରମ ଚାଲାଣ କରୁଛନ୍ତି । ପଥର ଓ ମୋରମ ଚାଲାଣ ପାଇଁ ମଧ ବେଆଇନ ଭାବେ ରାସ୍ତା ନିର୍ମାଣ କରାଯାଉଛି । ବର୍ଷା ସମୟରେ ଏହି ପାହାଡ ଧସି କ୍ଷୟ ହେଉଥିବାର ପରିଲକ୍ଷିତ ହେଉଛି । ଏପରି କି ପାହାଡକୁ ଖାଦ୍ୟ ଅନ୍ୱେଷଣରେ ଯାଉଥିବା ଗାଈଗୋରୁ ବର୍ଷା ସମୟରେ ଖାଦାନରେ ପଡି ମୃତ୍ୟୁମୁଖରେ ପଡୁଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି । ମୋରମ ଚାଲାଣ ରୋକିବା ପାଇଁ କି ପଦକ୍ଷେପ ନିଆଯାଇଛି ଜାଣିବା ଲାଗି ତହସିଲଦାର ସଂଘମିତ୍ରା କାଲୋଙ୍କ ସହ ଯୋଗାଯୋଗ ପାଇଁ ଉଦ୍ୟମ ହୋଇଥିଲେ ହେଁ ପ୍ରତିକ୍ରିୟା ନେବା ସମ୍ଭବ ହୋଇ ନ ଥିଲା ।

# କାମନାଦଣ୍ଡର ବନ୍ଧାଣ ପର୍ବ ସହ ଝାମୁଯାତ୍ରା ପାଳିତ



**ପଲମ,୩।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମ.ରାମପୁର ତଲସାଗରପଡାଠାରେ ଆଜକୁ ପ୍ରାୟ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ କାମନାଦଣ୍ଡ ପର୍ବ ପାଳିତ ହୋଇଆସୁଛି । ପ୍ରତିବର୍ଷ ଭଳି ଚଳିତବର୍ଷ ଭକ୍ତି ଓ ବିଶ୍ୱାସର ପର୍ବ କାମନାଦଣ୍ଡ ଆରମ୍ଭ ହୋଇଛି । ତେର ଦିନ ଧରି ତେର ବର୍ଷ ଯାଏଁ ଏହ କାମନା ଦଣ୍ଡ ପାଳିତ ହୋଇଥାଏ । ୧୩ ଦିନ ପର୍ଯ୍ୟନ୍ତ ଚାଲୁଥିବା ଏହି ଦଣ୍ଡ ୧୩ଦି ମେରୁ ପୂଜା ତାପର ଦିନ ପଣା ସଂକ୍ରାନ୍ତି ଏବଂ ତାପର ଦିନ କାଳିପୂଜା ସହ ସମାପନ ହୋଇଥାଏ । ଝାମୁଯାତ୍ରା ଶେଷ ହେବା ଯାଏଁ ପ୍ରତିଟି ଅକୁହା କଥାକୁ ସାମ୍ନାରେ ଥୋଇବୁ । ୧୩ଦିନ ଧରି ହେଉଥିବା ଏହି କାମନାଦଣ୍ଡ ପ୍ରତି ଦିନ ଅଲଗା ଅଲଗା ଭକ୍ତଙ୍କ ଅଗଣାରେ ସମାପନ ହୋଇଥାଏ । ଯେଉଁମାନେ ବିଭିନ୍ନ ମାନସିକ କରିଥାନ୍ତି ଓ ବର ପାଇଥାନ୍ତି କିମ୍ବା ମା'ଙ୍କ କରୁଣା ଆଶା କରିଥାନ୍ତି, ସେମାନେ ହିଁ ଏହି ବ୍ରତ ପାଇଁ ଆମନ୍ତ୍ରଣ କରିଥାନ୍ତି । ପ୍ରତିଦିନ ଦାତାଙ୍କ ଘରକୁ ଏହି ୧୩ ଭକ୍ତା ଛତର, ଚାମର, ହରଗୌରୀ ପରୀ ମା'ଙ୍କୁ ଧରି ଢୋଲ, ଘଣ୍ଟ, ଭେରୀ, ତୁରୀର ତାଳେ ତାଳେ ପ୍ରଥମେ ସକାଳୁ ଯାଇ ବନ୍ଧାଣ ପର୍ବ ପାଇଁ ଯାଇଥାନ୍ତି । ମା'ଙ୍କ ଉକ୍ତ ପରିବାର ପକ୍ଷରୁ ସ୍ୱାଗତ କରାଯିବା ପରେ କାମନାଦଣ୍ଡର ବୀଣାକାର ନିୟମାବଳୀଠାରୁ ଆରମ୍ଭ କରି ଏହିଦଣ୍ଡ ବ୍ରତର ଫଳାଫଳ ସହିତ ଦିନଯାକ ହେବାକୁ ଥିବା ବିଭିନ୍ନ ପୂଜାବିଧି ସମ୍ପର୍କରେ ଗୀତଗୀତରେ ସୂଚନା ଦେଇଥାନ୍ତି ।

# ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଜୁନାଗଡ,୩।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ମହାବିଦ୍ୟାଳୟରେ ଶନିବାର ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ବୀର କିଶୋର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ସମ୍ପର୍କରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟାପକ ଅଶୋକ ସାହୁ, ଆଇଟି ଅଧ୍ୟାପକ ସଞ୍ଜୀବ ଅଗ୍ରୱାଲ, ଖେଳ ଶିକ୍ଷକ ସୁଶାନ୍ତ କୁମାର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ କାଳିଚରଣ ଖାଡଙ୍ଗା ସଭା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ କଲେଜ ପ୍ରଥମ ବର୍ଷର ୬୧ଜଣ ଛାତ୍ରୀ ତାଲିମ ନେଉଛନ୍ତି । ସେମାନଙ୍କୁ ଜୁନାଗଡ ପ୍ରିୟଦର୍ଶିନୀ ଇଂଲିଶ ମହାବିଦ୍ୟାଳୟ ଛାତ୍ରୀ/ତାଲିମ ଦାତ୍ରୀ ଜୁଲି ପରାଭୋଇ ତାଲିମ ଦେଉଛନ୍ତି । ସେହିପରି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ସମ୍ପର୍କିତ ଏକ ବହି ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏଠାରେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ଦିଆଯିବ । ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେଇ ଭବିଷ୍ୟତରେ ଶତ୍ରୁକବଳରୁ ନିଜକୁ ରକ୍ଷା କରିବା ସହ ଅନ୍ୟକୁ ରକ୍ଷା କରିପାରିବେ ସେହି ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।




ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

### 'ଶିକ୍ଷା ସମାଧାନର ବାଟ ଫିଟାଏ'

**ବରଗଡ଼ ଅଫିସ୍,୩।୪**

ବରଗଡ଼ ବ୍ଲକ ଅନ୍ତର୍ଗତ ପଥର୍ଲା ଶ୍ରୀହରି ନଗର ଆଞ୍ଚଳିକ ହାଇସ୍କୁଲର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଡୋଲାମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଶିକ୍ଷା ହିଁ ସବୁ ସମସ୍ୟାର ସମାଧାନ ପାଇଁ ବାଟ ଫିଟାଏ ବୋଲି କହିଥିଲେ । ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟବକ୍ତା, ତୁରୁଙ୍ଗା ରାମଜୀ ମନ୍ଦିରର ମହନ୍ତ କୃଷ୍ଣଚନ୍ଦ୍ର ଦାସ, ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ, ଶିଳ୍ପପତି ଶ୍ରବଣ ଲାଠ, ପୂର୍ବତନ ଶିକ୍ଷକ ପ୍ରକାଶ ଭୋଇ, ସୁରେଶ ଚନ୍ଦ୍ର ପଣ୍ଡା, ସଂସ୍କୃତ ସୁରକ୍ଷା ମଞ୍ଚର ଅଧ୍ୟକ୍ଷ ଗୋପବନ୍ଧୁ ପୁରୋହିତ, ରାଜେଶ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଶିକ୍ଷୟିତ୍ରୀ ରୀନା ପ୍ରଧାନ, ନିକି ପ୍ରଧାନ, ଶିକ୍ଷକ ସୁଶୀଲ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

# ତେଲୁଗୁ ନବବର୍ଷ ପାଳିତ

**ସୋନପୁର,୩।୪(ନି.ପ୍ର.)**

ସୁବର୍ଣ୍ଣପୁର ସହରରେ ରହୁଥିବା ତେଲୁଗୁ ଦେବାଙ୍ଗ (ଢେରା) ସଂପ୍ରଦାୟ ପକ୍ଷରୁ ସ୍ଥାନୀୟ ବୁଢିମା କଲ୍ୟାଣମଣ୍ଡପ ପରିସରରେ ତେଲଗୁ ନବବର୍ଷ ଉଗାଡ଼ି ପର୍ବ ପାଳିତ ହୋଇଯାଇଛି । ବି.ସତ୍ୟ ନାରାୟଣ ରାଓଙ୍କ ସଂଯୋଜନାରେ ବୁଢିମା ଠାକୁରାଣୀଙ୍କ ପାରମ୍ପରିକ ଚୈତ୍ରପୂଜା ହୋଇଥିବା ବେଳେ ମହିଳା ଓ ଶିଶୁଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉଗାଡି ପର୍ବ ଅବସରରେ ବୁଢିମା ଯୁବକ ସଂଘର ସଭାପତି ଦିଲିପ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷା ତାମସୀ ତାମସ୍ମିତା ନାଏକ, ନୂତନ ମନ୍ଦିର ନିର୍ମାଣ କମିଟି ମୁଖ୍ୟ ସହଦେବ ପାତ୍ର ,ସଂପ୍ରଦାୟ ମୁଖ୍ୟ ନାରାୟଣ ପାତ୍ର ଓ ସମାଜସେବୀ ଜନ୍ମେଜୟ ପାତ୍ର ଅତିଥି ଭାବେ ଯୋଗଦେଇ ତେଲୁଗୁ ସଂପ୍ରଦାୟର ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ରତା ଉପରେ ଆଲୋକପାତ କରିଥିଲେ । ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଶ୍ୟାମସୁନ୍ଦର ପାତ୍ର ଧନ୍ୟବାଦ ଦେଇଥିଲେ ।

# ବେହେରାରେ ହିନ୍ଦୁ ନବବର୍ଷ



ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଛି ।

**ବେହେରା,୩।୪(ଡି.ଏନ.ଏ.)**

କଳାହାଣ୍ଡି ଧର୍ମଗଡ ବ୍ଲକ ଅନ୍ତର୍ଗତ ବେହେରା ଗ୍ରାମରେ ହିନ୍ଦୁ ନବବର୍ଷ ଶନିବାର ପାଳିତ ହୋଇଯାଇଛି । ବେହେରା ଅଖିଳ ଭାରତୀୟ ମାରୱାଡି ମହିଳା ସଙ୍ଗଠନ ଶାଖା ଆହ୍ୱାନକ୍ରମେ ଗ୍ରାମର ଶତାଧିକ ମହିଳା ସମ୍ମିଳିତ ହୋଇ ସର୍ବପ୍ରଥମେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଦୀପ ପ୍ରଜ୍ୱଳନ ପୂର୍ବକ ପୂଜାର୍ଚ୍ଚନା କରି ହିନ୍ଦୁ ନବବର୍ଷ ପାଳନ କରାଯାଇଥିଲା । ପରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସମସ୍ତେ ଭଗୱାଧ୍ୱଜ ଧାରଣ ପୂର୍ବକ ଜୟ ଶ୍ରୀରାମ ଧ୍ୱନି ଦେଇ ଗ୍ରାମ ପରିକ୍ରମା କରାଯାଇଥିଲା । ହିନ୍ଦୁ ସଭ୍ୟତାରେ ଆଜିର ଦଦିନକୁ ନବବର୍ଷ ଆକାରରେ ଗ୍ରହଣ କରିବା, ଗୋମାତାଙ୍କ ପ୍ରତି ଯତ୍ନବାନ ହେବା ସହିତ ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା ନେଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା । ଏଥିରେ ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା ସାମିଲ ହୋଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ ବେହେରା ଅଖିଳ ଭାରତୀୟ ମହିଳା ସଙ୍ଗଠନ ଶାଖା ସଭାନେତ୍ରୀ ସୁଶୀଳା ଅଗ୍ରୱାଲ, ସମ୍ପାଦିକା ବନ୍ଦନା ଅଗ୍ରୱାଲ ପରିଚାଳନା କରିଥିବା ବେଳେ ସୁମିତ୍ରା ଅଗ୍ରୱାଲ, ଗାୟତ୍ରୀ ଅଗ୍ରୱାଲ, କାନ୍ତାଦେବୀ ଅଗ୍ରୱାଲ, ରାଜକୁମାରୀ ଅଗ୍ରୱାଲଙ୍କ ସମେତ ଅନ୍ୟ ସମସ୍ତେ ସହଯୋଗ କରିଥିଲେ ।

# ଡାଲିଜାତୀୟ ଶସ୍ୟ ବିକ୍ରି ବ୍ୟବସ୍ଥା କରିବା ଦାବି

**କର୍ଲାମୁଣ୍ଡା,୩।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଧାନଚାଷ ପରେ ଡାଲିଜାତୀୟ ଫସଲ ଚାଷ କରି ଚାଷୀ ବେଶ ଦୁଇ ପଇସା ଉପାର୍ଜନ କରି ଲାଭବାନ ହେଉଛନ୍ତି । ତେବେ ଡାଲିଜାତୀୟ ଫସଲ କରି ଚାଷୀମାନେ ଶସ୍ୟର ଉପଯୁକ୍ତ ମୂଲ୍ୟ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି । ବ୍ଲକରେ ଯୋରାଡବ୍ରା, କୁସୁର୍ଲା, ଟେର୍ଚ୍ଚାପଲା, ଶିଶାଖାଲ, ସିଲେଟପଡା, କାର୍ଣ୍ଣିଖୁଣ୍ଟି, ଏକାତରା, ରିଞ୍ଜା, ରେଙ୍ଗାଲି, ଦେଓଗାଁ, ଟକାରୁମାଲ, ପୁଟିଗାଁ, ମାଲପଡା, ସରଗୁଲ, ବାଗବୁରାଇ, ଭଟାପଲା, ଖଲିଆପାଲି, ଅଗାଧୁପୁର, ବୋରପଦର, ରିଷିଡା, ପୌରକେଲା, ତେରେସିଂହା, ବିନ୍ଧାଣୀ, ଗଜବାହାଲ, ଅବୁଜବାହାଲ, ଭାଲୁପିଆ, ଧଅଁରାଖମନ, ଟେଟେଙ୍ଗପଦର, ରାଜପୁର ପ୍ରଭୃତି ଗାଁଗୁଡିକରେ ମୁଗ, ବିରି, ନାକଚଣା, କୋଳଥ, ମୁସୁରୀ, ଖଡିଆଚଣା, ମଟରଚଣା ଚାଷ କରି ଏକର ପ୍ରତି ୫ କୁଇଣ୍ଟାଲରୁ ଅଧିକ ଅମଳ କରି ଚାଷୀମାନେ ଲାଭବାନ ହୋଇଥାନ୍ତି । ଚଳିତବର୍ଷ ଅଦିନିଆ ବର୍ଷାରେ ଡାଲିଜାତୀୟ ଫସଲ ପ୍ରଭାବିତ ହୋଇଥିବା ବେଳେ ଅମଳ କରିଥିବା ଶସ୍ୟକୁ ବିକ୍ରୟ କରିବା ପାଇଁ ସରକାରୀସ୍ତରରେ କୌଣସି ବ୍ୟବସ୍ଥା ନ ଥିବାରୁ ବାଧ କମ୍ ଦରରେ ଡା ଲି ଜା ତୀ ୟ ଫସଲକୁ ବିକ୍ରୟ କ ରୁ ଥି ବା ଶି ଶା ଖା ଲ ର ଯୁବଚାଷୀ ହେମନ୍ତ ସାହୁ କହିଛନ୍ତି । ଅ ନ୍ୟ ପ ଟେ ଡା ଲି ଜା ତୀ ୟ ଫସଲ କମ୍ ପାଣିରେ କମ୍ ସମୟ ଭିତରେ ଅମଳ ହେଉଥିବାରୁ ଚାଷୀମାନେ ଆଗ୍ରହ ସହିତ ଚାଷ କରୁଥିବା ଚାଷୀ ତିରନ୍‌ଜୀ ମେର୍ଲ୍ଲୀ କହିଛନ୍ତି । ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।



ଶିଶାଖାଲ ଗ୍ରାମର ଜଣେ ଚାଷୀ ଅମଳ ହୋଇଥିବା ମୁଗକୁ ସାଇତି ରଖୁଛନ୍ତି ।

### ନିଗମାନନ୍ଦ ବିହାରରେ କଳସଯାତ୍ରା

**ବରଗଡ଼ ଅଫିସ୍,୩।୪**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ–୧ ଅଧୀନ ନିଗମାନନ୍ଦ ବିହାରରେ ଅଷ୍ଟପ୍ରହର ନାମଯଜ୍ଞ ପରିପ୍ରେକ୍ଷୀରେ ଶୁକ୍ରବାର କଳସ ଯାତ୍ରା ହୋଇଥିଲା । କଳସ ଯାତ୍ରାରେ ସ୍ଥାନୀୟ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ । ଏହି କ୍ରମରେ ଶନିବାରଠାରୁ ଜିଲା ସଂକୀର୍ତ୍ତନ ପରିଷଦ ଏବଂ ନିଗମାନନ୍ଦ ବିହାର କୀର୍ତ୍ତନ ପରିଷଦର ମିଳିତ ଆନୁକୂଲ୍ୟରେ ନାମଯଜ୍ଞ ଆରମ୍ଭ ହୋଇଛି । ରବିବାର ଏହା ଉଦଯାପିତ ହେବ । ନାମଯଜ୍ଞ କମିଟି ସଭାପତି ପ୍ରହଲ୍ଲାଦ ମହାପାତ୍ର, ବାଙ୍କା ବିହାରୀ ସାହୁ, ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି ।

# ଜିଲା ଯାଦବ ସମାଜର ସମ୍ବର୍ଦ୍ଧନା ଉତ୍ସବ

**ସୋନପୁର,୩।୪(ନି.ପ୍ର.)**

ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲା ଯାଦବ ମହାସଭା ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନରେ ଯାଦବ ସମାଜର ସମସ୍ତ ନବନିର୍ବାଚିତ ଜନପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉତ୍ସବରେ ସୁବର୍ଣ୍ଣପୁର ଜିଲା ଯାଦବ ମହାସଭାର ଜିଲା ସଭାପତି ତପନ କୁମାର ଯୁଆଡି ସଭାପତିତ୍ୱ କରିଥିଲେ । ଏଥିରେ ନବନିର୍ବାଚିତ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଡୁଙ୍ଗୁରିପାଲି ବ୍ଲକ ସମାଜର ସଭାପତି ଶତ୍ରୁଘ୍ନ ବଗର୍ତ୍ତି, ବିନିକା ବ୍ଲକର ସଭାପତି ଶିତଲ ମହାକୁର, ଉଲୁଣ୍ଡା ବ୍ଲକର ସଭାପତି ଶରତଚନ୍ଦ୍ର ଥପା, ତରଭା ବ୍ଲକର ସଭାପତି ବସନ୍ତ ମନହିରା, ସୋନପୁର ବ୍ଲକର ସଭାପତି ବିରଞ୍ଚି ନାରାୟଣ ଷାଣ୍ଢେ, ବୀରମହାରାଜପୁର ବ୍ଲକର ସଭାପତି ବଳରାମ କାଣ୍ଡି, ଯୁବଯାଦବ ସଭାପତି ସୁରେଶ ଷାଣ୍ଢେ, ସୋନପୁର ପୌରପରିଷଦ ସଭାପତି ପ୍ରଫୁଲ୍ଲ ନାଏକ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ପ୍ରାୟ ଆଠ ଶହରୁ ଊର୍ଦ୍ଧ୍ୱ ଯାଦବ ପରିବାର ଯୋଗ ଦେଇଥିଲେ । ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବକୁ ବିନିକା ବ୍ଲକ ସମ୍ପାଦକ ବୃନ୍ଦାବନ ଦୀପ ପରିଚାଳନା କରିଥିବା ବେଳେ ଜିଲାଯାଦବ ମହାସଭାର ସମ୍ପାଦକ ପୀତବାସ ଭୋଇ ଧନ୍ୟବାଦ ଦେଇଥିଲେ । ଜିଲା ଯାଦବ ସମାଜର ଉପଦେଷ୍ଟା ମନବୋଧ ଭୋଇ, କୋଷାଧକ୍ଷ ଅଭିମନ୍ୟୁ ବଗର୍ତ୍ତି, ପ୍ରକାଶ ହାତୀ, ଗଣପତି ବାଘ, କୃଷ୍ଣଚନ୍ଦ୍ର ବାଘ ପ୍ରମୁଖ ସଦସ୍ୟ ଯୋଗଦେଇଥିଲେ ।

# ପାଣି ପାଇଁ ଦାବିପତ୍ର ପ୍ରଦାନ

**ପଦ୍ମପୁର,୩।୪(ଡି.ଏନ.ଏ.)**

ପିଇବା ପାଣି ସମସ୍ୟାର ସମାଧାନ ପାଇଁ ବରଗଡ଼ ଜିଲା ପଦ୍ମପୁର ଏନଏସିର କାଉନସିଲର ଚିନ୍ମୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ପଦ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ପଦ୍ମପୁର ସହରରେ ପିଇବା ପାଣି ସମସ୍ୟା ଦୀର୍ଘ ଦିନରୁ ରହିଆସିଛି । ବିଭିନ୍ନ ସମୟରେ ପଡ଼ାବାସୀ ଏଥିପାଇଁ ଆନ୍ଦୋଳନ କରିଥିବା ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ । ପଦ୍ମପୁର ସହରର ମେହେରପଡ଼ା, କୁମ୍ଭାରପଡ଼ା, କଣ୍ଟାପଡ଼ାରେ ପାନୀୟଜଳ ସମସ୍ୟା ସାଂଘାତିକ ହୋଇଛି । ଏସବୁ ଅଞ୍ଚଳର ଲୋକମାନେ ପ୍ରାୟ ଏକ କିଲୋମିଟର ଦୂର ପ୍ରାଇଭେଟ ବସ୍‌ଷ୍ଟାଣ୍ଡକୁ ପିଇବା ପାଣି ଆଣିବା ପାଇଁ ଯାଇଥାନ୍ତି । ସେଠାରୁ ପାଣି ଆଣିଲେ ଘରେ ରୋଷେଇ ହୋଇଥାଏ । ଖରା ଆରମ୍ଭ ହେଲାଣି । ତେଣୁ ଆଗକୁ ପରିସ୍ଥିତି ଆହୁରି ଜଟିଳ ହେବାକୁ ଯାଉଛି । ଏହି ସମସ୍ୟାର ସମାଧାନ ପାଇଁ ରବିବାର ଭାଜପା ପକ୍ଷରୁ ପଦ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆଗାମୀ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆସନ୍ତା ୧୦ ତାରିଖରୁ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବା ପାଇଁ ଚେତାବନୀ ଦିଆଯାଇଛି । ଏହି ପ୍ରତିନିଧି ଦଳରେ କାଉନସିଲର ପ୍ରମିଳା ମେହେର, ଆଇନଜୀବୀ ଆଦିତ୍ୟ କୁମାର ରଥ, ପ୍ରମୋଦ କୁମାର ମେହେର, କେତନ ମେହେର, କ୍ଷୀରୋଦ୍ର ରଣା, ଅର୍ଜୁନ ରଣା, ସେବକ ମେହେର, ପାଣ୍ଡବ ମେହେର ପ୍ରମୁଖ ସାମିଲ ହୋଇଥିଲେ ।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

